# OFSDP

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

### ପ୍ରକଳ୍ପ ସୂଚନାପତ୍ର

JAPAN JBIC

ଭାଗ – ୧ ସଂସ୍କରଣ – ୨ ଅକ୍ଟୋବର, ୨୦୦୭


## ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତ ଅଣୁଯୋଜନାର ବିଶେଷତ୍ୱ

ସାଧାରଣତଃ ବନବିଭାଗର ଯୁଗ୍ମବନ ପରିଚାଳନା କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳର ବିକାଶ ପରିଚାଳନା ନିମନ୍ତେ ସହଯୋଗୀ ଗ୍ରାମ୍ୟ ଅବଧାରଣା ମାଧ୍ୟମରେ ଅଣୁଯୋଜନା ପ୍ରସ୍ତୁତ କରାଯାଇଥାଏ । ବିଭିନ୍ନ ଯୋଜନାରେ ଉପଲବ୍ଧ ସମ୍ବଳକୁ ଭିତ୍ତିକରି ଅଣୁଯୋଜନାକୁ କାର୍ଯ୍ୟକାରୀ କରାଯାଏ । ବନ ବିଭାଗର କ୍ଷେତ୍ରକର୍ମଚାରୀ ଓ ଜଙ୍ଗଲ ସୁରକ୍ଷା କରୁଥିବା ଗ୍ରାମବାସୀମାନଙ୍କ ଦୃଷ୍ଟିରେ କେବଳ ସୁରକ୍ଷା କରାଯାଉଥିବା ଜଙ୍ଗଲର ଉନ୍ନତି ନିମନ୍ତେ ଅଣୁଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ଧାରଣା ରହିଛି । କିନ୍ତୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଅଣୁଯୋଜନାର ଉଦ୍ଦେଶ୍ୟ ଓ ପରିକଳ୍ପନା ସଂପୂର୍ଣ୍ଣ ଭିନ୍ନ ଓ ବ୍ୟାପକ ଅଟେ । ଏହି କାର୍ଯ୍ୟକ୍ରମରେ ଭାଗନେଇଥିବା ଗ୍ରାମବାସୀଙ୍କର ସମୂହ ଉନ୍ନତିକୁ ଲକ୍ଷ୍ୟରେ ରଖି, ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ କରାଯାଉଥିବା ଗ୍ରାମ୍ୟଉନ୍ନୟନ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ସହିତ ଉଦ୍ଦିଷ୍ଟ ଜଙ୍ଗଲ ଅଞ୍ଚଳର ଅଭିବୃଦ୍ଧି ପାଇଁ ଯୁଗ୍ମ ବନପରିଚାଳନା ଶୈଳିରେ ଉଦ୍ୟମ କରାଯାଇଥାଏ ।

ପ୍ରକଳ୍ପ ସହାୟତାରେ ସଂପୃକ୍ତ ବନସଂରକ୍ଷଣ ସମିତି ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ କରାଯାଇଥିବା ଜଙ୍ଗଲ ଗୋଷ୍ଠି ଉନ୍ନୟନ ଓ ଗ୍ରାମ୍ୟ ଅନୁଷ୍ଠାନଗୁଡ଼ିକର ଉନ୍ନତିକଳ୍ପେ ଆବଶ୍ୟକ ବିଭିନ୍ନ ବିକାଶୋନ୍ମୁଖୀ କାର୍ଯ୍ୟକ୍ରମକୁ ସମ୍ମିଳିତ କରି ଏକ ମାର୍ଗଦର୍ଶକ ଦସ୍ତାବିଜ ପ୍ରସ୍ତୁତ କରିଥାନ୍ତି । ଏହି ପ୍ରକଳ୍ପର କାର୍ଯ୍ୟକାରିତା, ସଫଳତା ଓ ସ୍ଥାୟୀତ୍ୱ ମୁଖ୍ୟତଃ ଏକ ବାସ୍ତବ ଧର୍ମୀ ଅଣୁଯୋଜନା ପ୍ରସ୍ତୁତି ଉପରେ ନିର୍ଭରଶୀଳ । ଅନୁମୋଦିତ ଅଣୁଯୋଜନାର ସ୍ୱୀକୃତିବିନା ବନ ସଂରକ୍ଷଣ ସମିତି ପ୍ରକଳ୍ପର କୌଣସି ଉପାଦାନକୁ କାର୍ଯ୍ୟକାରୀ କରିବା ପାଇଁ ଅନୁଦାନ ପାଇପାରିବେ ନାହିଁ । ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତ



"ବନ ସଂରକ୍ଷଣ ସମିତି ପରିଚାଳନା ମାନୁଆଲ"ରେ ଅଣୁଯୋଜନା ପ୍ରଣୟନ ସମ୍ବନ୍ଧରେ ବିଶଦ ନିର୍ଦ୍ଦେଶାବଳୀ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ଏଥିନିମିତ୍ତ ଆବଶ୍ୟକ ଫର୍ମଗୁଡ଼ିକ ନିର୍ଦ୍ଧାରଣ କରାଯାଇଅଛି ।

ଏହି ପ୍ରକଳ୍ପ ସମ୍ବନ୍ଧିତ ଅଣୁଯୋଜନାର କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ନିମ୍ନରେ ପ୍ରଦାନ କରାଗଲା ।

୧. ସଂପୃକ୍ତ ବନ ସଂରକ୍ଷଣ ସମିତି ତାଙ୍କ ଗ୍ରାମର ସାମୁହିକ ଉନ୍ନତି ଓ ଜଙ୍ଗଲର ଅଭିବୃଦ୍ଧି କରିବା ପାଇଁ ଅଣୁଯୋଜନା ପ୍ରସ୍ତୁତି କରିବେ । ଏଥିପାଇଁ ପ୍ରକଳ୍ପ ଦ୍ୱାରା ନିଯୁକ୍ତ ବେସରକାରୀ ସଂଗଠନ (NGO) ଓ କ୍ଷେତ୍ର ପରିଚାଳନା ୟୁନିଟ୍ (FMU) ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ।

୨. ସହଯୋଗୀ ଗ୍ରାମ୍ୟ ଅବଧାରଣା (PRA) ମାଧ୍ୟମରେ ତିନରୁ ପାଞ୍ଚ ମାସ ମଧ୍ୟରେ ବନ ସଂରକ୍ଷଣ ସମିତି ପାଇଁ ଅଣୁଯୋଜନା ପ୍ରସ୍ତୁତ କରାଯିବ । ଏଥି ନିମିତ୍ତ ଗ୍ରାମରେ ବହୁବାର ଆଲୋଚନା କରାଯିବ ଓ ସଭ୍ୟମାନଙ୍କର ମତାମତ ଓ ବିଚାର ଧାରାକୁ ପ୍ରାଧାନ୍ୟ ଦିଆଯାଇ ସେମାନଙ୍କର ଆଶା ଓ ଆକାଂକ୍ଷା ପୂରଣ ପାଇଁ ଉଦ୍ୟମ କରାଯିବ ।

୩. ଏହି ଅଣୁଯୋଜନାରେ କେବଳ ଜଙ୍ଗଲର ଅଭିବୃଦ୍ଧି ପାଇଁ ବ୍ୟବସ୍ଥା ନହୋଇ ଗ୍ରାମର ସର୍ବବିଧ ଉନ୍ନତି ପାଇଁ ଅନ୍ୟାନ୍ୟ ବିଭାଗ ଓ ସଂସ୍ଥା ଗୁଡ଼ିକ ସହାୟତରେ କରାଯାଉଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯିବ ।

୪. ପ୍ରାଥମିକ ସହଯୋଗୀ କାର୍ଯ୍ୟକ୍ରମ ପାଇଁ ଅଣୁଯୋଜନା ପ୍ରସ୍ତୁତି ସମୟରେ ଗୋଷ୍ଠିଉନ୍ନୟନ କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଦିଆଯିବ । ବନ ସଂରକ୍ଷଣ ସମିତିର ଆବଶ୍ୟକତା ଅନୁଯାଇ ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ସହିତ ଅଣଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକୁ ସାମିଲ କରାଯିବ । ସାମୁହିକ କାର୍ଯ୍ୟପାଇଁ ଉଦ୍ଦିଷ୍ଟ ସମ୍ପତ୍ତିର ବ୍ୟବହାର ପାଇଁ ସମିତି ମାହାସୁଲ ଆଦାୟ କରିବ, ଯାହାକି ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିରେ ଗଚ୍ଛିତ ରଖାଯିବ ଏବଂ ସମ୍ପତ୍ତିର ଭବିଷ୍ୟତ ରକ୍ଷାଣାବେକ୍ଷଣ ପାଇଁ ବିନିଯୋଗ କରାଯିବ ।

୫. ଅଣୁଯୋଜନା ପ୍ରସ୍ତୁତି ସମୟରେ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଗୁଡ଼ିକୁ ଚିହ୍ନଟ କରାଯିବ । କ୍ଷେତ୍ର ପରିଚାଳନା ୟୁନିଟ୍ ଓ ବେସରକାରୀ ସଂଗଠନ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ପାଇଁ ବଜାର ସୁବିଧା ବିଷୟରେ ଆବଶ୍ୟକୀୟ ତଥ୍ୟଯୋଗାଇ ଦେବେ । ଏହି ରୋଜଗାରକ୍ଷମ କାର୍ଯ୍ୟଗୁଡ଼ିକୁ ସ୍ୱଂୟସହାୟକ ଗୋଷ୍ଠି ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ଓ ଏଥିପାଇଁ ମୂଳଜମା ପ୍ରକଳ୍ପ ତରଫରୁ ବନ ସଂରକ୍ଷଣ ସମିତିକୁ ଦିଆଯାଉଥିବା ପାଣ୍ଠିରୁ ପଇଠ କରାଯିବ ।

୬. ସମୟାନୁକ୍ରମେ ଅଣୁଯୋଜନାକୁ ଆବଶ୍ୟକ ସ୍ଥଳେ ସମୀକ୍ଷା କରାଯିବ ଓ ବନସଂରକ୍ଷଣ ସମିତିର ଅନୁରୋଧକ୍ରମେ ପରିବର୍ତ୍ତୀତ ଓ ପରିବର୍ଦ୍ଧୀତ କରାଯିବାର ବ୍ୟବସ୍ଥା ରହିବ ।

● ପୃଷ୍ଠା ୩

## ସମନ୍ୱିତ ବିକାଶ ପାଇଁ ପ୍ରଚେଷ୍ଟା

ଅନ୍ୟାନ୍ୟ ବିଭାଗ ଓ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ରଣନୀତି ପ୍ରସ୍ତୁତ ଉଦ୍ଦେଶ୍ୟରେ ପ୍ରକଳ୍ପ ଦ୍ୱାର ଗତ ଜୁନ ୧୬,୨୦୦୭ ତାରିଖରେ ଏକ ସମ୍ମିଳନୀ ଆହୁତ କରାଯାଇଥିଲା । ଏହି ସମ୍ମିଳନୀରେ ଓଡ଼ିଶା ବନ ବିଭାଗର ନୀତି ନିର୍ଦ୍ଧାରଣ ଓ ରଣକୌଶଳ ପ୍ରସ୍ତୁତି ପ୍ରକଳ୍ପ (PAPSU) ର ନିର୍ଦ୍ଦେଶକ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ, ଓଡ଼ିଶା ଆଦିବାସୀ କ୍ଷମତା ଅଧିକାର ପ୍ରଦାନ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ପ୍ରକଳ୍ପ (OTELP) ର ନିର୍ଦ୍ଦେଶକ, ମତ୍ସ୍ୟ ଓ ପଶୁପାଳନ ବିଭାଗର କର୍ମକର୍ତ୍ତା ଓ ଓରମାସ (ORMAS) ର ଅଧିକାରୀମାନେ ଯୋଗଦାନ କରିଥିଲେ । ଗ୍ରାମ୍ୟସ୍ତରରେ ବିଭିନ୍ନ ବିଭାଗ ଗୁଡ଼ିକର ବିକାଶ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷାକରିବା ପାଇଁ ସମ୍ମିନଳୀରେ ବିଚାର ବିମର୍ଷ କରାଯାଇଥିଲା ।



# ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମ

## ଗଭର୍ଣ୍ଣିଙ୍ଗ ବଡି ବୈଠକ

ତା.୧୧.୦୫.୨୦୦୭ ରିଖରେ ଶ୍ରୀଯୁକ୍ତ ସତ୍ୟପ୍ରକାଶ ନନ୍ଦ, କୃଷିଉତ୍ପାଦନ କମିଶନରଙ୍କ ଅଧ୍ୟକ୍ଷତାରେ ପ୍ରକଳ୍ପର ଗଭର୍ଣ୍ଣିଙ୍ଗ ବଡିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଥିଲା । ଏହି ବୈଠକରେ ୨୦୦୭-୨୦୦୮ ଆର୍ଥିକ ବର୍ଷପାଇଁ ବାର୍ଷିକ କାର୍ଯ୍ୟକ୍ରମ ଓ ୭୦.୪୩୧ କୋଟି ଟଙ୍କାର ଅନୁଦାନ ସ୍ଥିରକୃତ



ହୋଇଥିଲା । ଉପକୂଳ ବନୀକରଣ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ନେବା ପାଇଁ ତା.୦୬.୦୮.୨୦୦୭ରିଖରେ ଗଭର୍ଣ୍ଣିଙ୍ଗ ବଡିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ପ୍ରକଳ୍ପ ଦ୍ୱାରା ପ୍ରସ୍ତୁତ ବନ ସଂରକ୍ଷଣ ସମିତି ପରିଚାଳନା ମାନୁଆଲ ତା.୦୧.୧୦.୨୦୦୭ରିଖରେ ଅନୁଷ୍ଠିତ ଗଭର୍ଣ୍ଣିଙ୍ଗ ବଡିର ତୃତୀୟ ବୈଠକରେ ଅନୁମୋଦିତ ହୋଇଥିଲା ।



## ସାଧାରଣ ପରାମର୍ଶଦାତା ନିଯୁକ୍ତି

ପ୍ରକଳ୍ପକୁ ବୈଷୟିକ ଓ ପରିଚାଳନାଗତ ପରାମର୍ଶ ପ୍ରଦାନ ପାଇଁ ପ୍ରାଥମିକତା ଭିତ୍ତିରେ ଚୟନ କରାଯାଇଥିବା ଅନୁଷ୍ଠାନ ଯଥା : ନିପୋନକୋଇ କନସଲ୍‌ଟାନ୍‌ସି ଲିମିଟେଡ୍, ଜାପାନ, ଏନ୍.ଆର.ଆଇ ଲିଃ. (ଇଂଲଣ୍ଡ) ଏବଂ ସୂତ୍ର କନସଲ୍‌ଟାନ୍‌ସି ପ୍ରାଇଭେଟ ଲିଃ. ଓଡ଼ିଶା ସହିତ ଆଲୋଚନା ତା ୨୫ ସେପ୍ଟେମ୍ବର ୨୦୦୭ ରିଖରେ ସମାପନ ହୋଇଥିଲା । ପରାମର୍ଶଦାତା ସଂଗଠନ ସହିତ ଚୁକ୍ତିପତ୍ର JBIC ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବାପରେ ସେମାନେ କାର୍ଯ୍ୟକ୍ରମ ଆରମ୍ଭ କରିବେ ।

## ବନ ସଂରକ୍ଷଣ ସମିତି ପରିଚାଳନା ମାନୁଆଲ ଓ କାର୍ଯ୍ୟନିର୍ବାହ ମାନୁଆଲ

"ବନ ସଂରକ୍ଷଣ ସମିତି ପରିଚାଳନା ମାନୁଆଲ" ଗଭର୍ଣ୍ଣିଙ୍ଗ ବଡିର ଅନୁମୋଦନ ଲାଭ କରିଛି । କାର୍ଯ୍ୟନାର୍ବାହୀ ମାନୁଆଲ ଚିଠା ବର୍ତ୍ତମାନ ପରୀକ୍ଷା ନିରୀକ୍ଷା କରାଯାଉଛି ।

# ସାମର୍ଥ୍ୟ ବୃଦ୍ଧି କାର୍ଯ୍ୟକ୍ରମ

## ଅଣୁଯୋଜନା ପ୍ରସ୍ତୁତି ସମ୍ବନ୍ଧୀୟ ପ୍ରଶିକ୍ଷଣ





ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ଅଣୁଯୋଜନାକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଅଛି । ସଂପୃକ୍ତ ବନ ସଂରକ୍ଷଣ ସମିତି, ପ୍ରକଳ୍ପ ଦ୍ୱାରା ନିଯୁକ୍ତ ବେସରକାରୀ ସଂସ୍ଥା ଓ ବନ ବିଭାଗର କ୍ଷେତ୍ରକର୍ମଚାରୀଙ୍କ ସହାୟତାରେ ଗ୍ରାମର ସାମୁହିକ ବିକାଶ ତଥା ରୋଜଗାରକ୍ଷମ କାର୍ଯ୍ୟକ୍ରମ ଜରିଆରେ ଦାରିଦ୍ର୍ୟ ଦୂରିକରଣ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ଭିତ୍ତିକ ଅଣୁଯୋଜନା ପ୍ରସ୍ତୁତ କରିବେ । ଏହି ଅଣୁଯୋଜନା ପ୍ରସ୍ତୁତି ନିମନ୍ତେ ବନ ସଂରକ୍ଷଣ ସମିତିର ଆବଶ୍ୟକ ଦକ୍ଷତା ବୃଦ୍ଧିପାଇଁ ପ୍ରକଳ୍ପ ଦ୍ୱାରା କେତେଗୁଡ଼ିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥିରିକୃତ କରାଯାଇଛି । ଉତ୍ତମ ପ୍ରଶିକ୍ଷଣ ପ୍ରଦାନ ନିମିତ୍ତ ରେଞ୍ଜ ଅଧିକାରୀ ଓ ବନ ସଂପ୍ରସାରଣ ଅଧିକାରୀଙ୍କୁ ମୁଖ୍ୟ ପ୍ରଶିକ୍ଷକ ହିସାବରେ ପ୍ରଶିକ୍ଷଣ ପଦ୍ଧତି ବିଷୟରେ ତାଲିମ ଦିଆଯାଇଅଛି । ଏହି ମୁଖ୍ୟ ପ୍ରଶିକ୍ଷକମାନେ ଗ୍ରାମ ବନସେବକ ଓ ବନପାଳମାନଙ୍କୁ ପ୍ରଶିକ୍ଷଣ ପଦ୍ଧତି ବିଷୟରେ ତାଲିମ ଦେବେ, ଯଦ୍ୱାରା ସେମାନେ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରିପାରିବେ । ବିଭାଗର ରେଞ୍ଜ ଅଧିକାରୀ, ବନସଂପ୍ରାସରଣ ଅଧିକାରୀ ଓ ବେସରକାରୀ ସଂସ୍ଥାର ଦଳପତି ମାନଙ୍କୁ ଅଣୁଯୋଜନା ସମ୍ବନ୍ଧିତ ପ୍ରଶିକ୍ଷଣ ପ୍ରଦାନ ନିମିତ୍ତ ଅନୁଗୋଳସ୍ଥିତ ଓଡ଼ିଶା ବନରାଜିକ ମହାବିଦ୍ୟାଳୟରେ ବ୍ୟବସ୍ଥା କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜୁଲାଇ ୨୦-୨୪, ଅଗଷ୍ଟ ୨୯ ରୁ ସେପ୍ଟମ୍ବର ୧ ଓ ସେପ୍ଟମ୍ବର ୪ ରୁ ୯ ତାରିଖ ମଧ୍ୟରେ ଆୟୋଜନ କରାଯାଇଥିଲା ।

ଉପରୋକ୍ତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ସର୍ବମୋଟ ୨୨ ଜଣ ବନ ସଂପ୍ରସାରଣ ଅଧିକାରୀ, ୭ ଜଣ ରେଞ୍ଜ ଅଧିକାରୀ ଓ ୫୨ ଜଣ ବେସରକାରୀ ସଂସ୍ଥାର ଦଳପତି ମାନଙ୍କୁ ତାଲିମ ଦିଆଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ବନରାଜିକ ମହାବିଦ୍ୟାଳୟ ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରୁ କେତେକ ପ୍ରବୀଣ ବିଶେଷଜ୍ଞଙ୍କୁ ନିୟୋଜନ କରାଯାଇଥିଲା । ଏମାନଙ୍କ ମଧ୍ୟରେ ଡଃ. ଡି.କେ. ଗିରି, ସମାଚାର ସେଣ୍ଟର, ନୂଆଦିଲ୍ଲୀ, ଶ୍ରଯୁକ୍ତ ଏସ.ଏନ. ସାହୁ, ନିର୍ଦ୍ଦେଶକ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ନୂଆଦିଲ୍ଲୀ, ଶ୍ରଯୁକ୍ତ ଅମରଜ୍ୟୋତି ନାୟକ, ଆକସନ ଏଡ୍, ଚେନାଇ, ପ୍ରଫେସର ପି.କେ. ବିଶ୍ୱାସ, ଭାରତୀୟ ବନ ପ୍ରବନ୍ଧ ସଂସ୍ଥାନ, ଭୋପାଳ, ପ୍ରଫେସର ସବିତା ମହାନ୍ତି ଓ ପ୍ରଫେସର ନିରଜ କୁମାର, ଜାଭିୟର ଇନଷ୍ଟିଚୁଉଟ ଅଫ ମ୍ୟାନେଜମେଣ୍ଟ, ଭୁବନେଶ୍ୱର, ଶ୍ରୀଯୁକ୍ତ ମୃନାଲ ଚାଟାର୍ଜୀ, ଇଣ୍ଡିଆନ ଇନଷ୍ଟଚୁଉଟ ଅଫ ମାସ କମ୍ୟୁନିକେସନ, ଢେଙ୍କାନାଳ, ଶ୍ରୀଯୁକ୍ତ ସୁଦର୍ଶନ ଦାସ, ନିର୍ଦ୍ଦେଶକ କେ.ସି. ଏସଡ଼ି, ଭୁବନେଶ୍ୱର, ଶ୍ରୀଯୁକ୍ତ ବିଶ୍ୱଜିତ ମିଶ୍ର, ନିର୍ଦ୍ଦେଶକ ଜନଶିକ୍ଷା ସଂସ୍ଥାନ, ଅନୁଗୋଳ ଓ ଶ୍ରୀଯୁକ୍ତ ସୁବ୍ରତ ସିଂଦେଓ, ମାଧ୍ୟମ ଫାଉଣ୍ଡେସନ୍, ଭୁବନେଶ୍ୱର ଅନ୍ୟତମ । ପ୍ରଶିକ୍ଷାର୍ଥୀମାନଙ୍କୁ ଅଣୁଯୋଜନା ସମ୍ବନ୍ଧୀୟ ତଥ୍ୟ, ଜଙ୍ଗଲ ଅଭିବୃଦ୍ଧି ନିମିତ୍ତ ବୈଷୟିକ ଜ୍ଞାନ, ରୋଜଗାର କ୍ଷମ କାର୍ଯ୍ୟକ୍ରମ ଓ ବଜାର ବ୍ୟବସ୍ଥା ତଥା ସମାନ୍ୟ ଆର୍ଥୀକ ପରିଚାଳନା, ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଯୁଗ୍ମ ବନ ପରିଚାଳନା ସଫଳତା ଅର୍ଜନ କରିଥିବା ଗ୍ରାମଗୁଡ଼ିକୁ ପ୍ରଶିକ୍ଷାର୍ଥୀମାନେ ସହଯୋଗମୂଳକ ଗ୍ରାମ୍ୟ ଅବଧାରଣା (PRA) ର ପ୍ରୟୋଗାତ୍ମକ ଅଭ୍ୟାସ ପାଇଁ କ୍ଷେତ୍ରପରିଦର୍ଶନରେ ଯାଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ



ପ୍ରକଳ୍ପର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଜୟ କୁମାର ସ୍ୱାଇଁଙ୍କ ଦ୍ୱାରା ଅଣୁଯୋଜନା ସମ୍ବନ୍ଧୀୟ ବିବରଣୀ ସଂଗ୍ରହ ଫରମ୍ ଗୁଡ଼ିକର ନିର୍ଣ୍ଣାୟକ ପରୀକ୍ଷା କରାଯାଇଥିଲା ।

ଓଡ଼ିଶା ବନରାଜିକ ମହାବିଦ୍ୟାଳୟରେ ପ୍ରଶିକ୍ଷଣ ପ୍ରାପ୍ତ ରେଞ୍ଜ ଅଧିକାରୀ ଓ ବନ ସଂପ୍ରାସରଣ ଅଧିକାରୀମାନେ ପ୍ରକଳ୍ପ ବନଖଣ୍ଡ ଗୁଡ଼ିକରେ ଗ୍ରାମବନସେବକ ଓ ବନରକ୍ଷୀମାନଙ୍କୁ ତତ୍ ସମ୍ବନ୍ଧୀୟ ତାଲିମ ଦେଇଥିଲେ ।

# ଉନ୍ନତ ଚାରା ଉତ୍ପାଦନ ପ୍ରଣାଳୀ ସମ୍ବନ୍ଧୀୟ କର୍ମଶାଳା

ସଫଳ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ଉନ୍ନତ ମାନର ଚାରାର ଆବଶ୍ୟକତା ରହିଛି । ଉନ୍ନତମାନର ଚାରା ପ୍ରସ୍ତୁତି ପାଇଁ ଗୁଣାତ୍ମକ ମଞ୍ଜି ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଚାରା ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ଅନୁସରଣ କରିବା ଆବଶ୍ୟକ । ଏଥିନିମନ୍ତେ ବିଭିନ୍ନ ଗବେଷଣା ଅନୁଷ୍ଠାନ ଦ୍ୱାରା



କେତେକ ନୂତନ ପ୍ରଣାଳୀ ନିର୍ଣ୍ଣୟ କରାଯାଇଛି । ଏହି ଅଭିନବ ବୈଷୟିକ ଜ୍ଞାନକୁ କ୍ଷେତ୍ର କର୍ମଚାରୀମାନଙ୍କ ଅବଗତି ଓ ପ୍ରୟୋଗ ନିମିତ୍ତ ଜୁଲାଇ ୨୮-୨୯ ତାରିଖରେ ବ୍ରହ୍ମପୁର ଠାରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କର୍ମଶାଳାରେ ବିଭିନ୍ନ ପ୍ରକଳ୍ପ ବନଖଣ୍ଡର ଚାରା ଉତ୍ପାଦନ



କେନ୍ଦ୍ର ଦାୟିତ୍ୱରେ ଥିବା ଆଠ ଜଣ ରେଞ୍ଜ ଅଧିକାରୀ, ପନ୍ଦର ଜଣ ଗ୍ରାମ୍ୟ ବନ ସେବକ ଓ ପାଞ୍ଚଜଣ ବନ ସଂପ୍ରସାରଣ ଅଧିକାରୀ ଯୋଗଦାନ କରିଥିଲେ । ପ୍ରକଳ୍ପ ତରଫରୁ ଏଥିପାଇଁ ଅନ୍ଧ୍ରପ୍ରଦେଶ ଜଙ୍ଗଲ ବିଭାଗର ବନ ସଂରକ୍ଷକ ଡଃ. ମନରଞ୍ଜନ ଭଞ୍ଜ, ଭା.ବ.ସେ.ଙ୍କୁ ଆମନ୍ତ୍ରଣ କରାଯାଇ ଥିଲା । ବ୍ରହ୍ମପୁର ବନ ସଂରକ୍ଷକ ଶ୍ରୀଯୁକ୍ତ ଭି. ରାଜା ରେଡ୍ଡି, ଭା.ବ.ସେ. ଏହି କର୍ମଶାଳାର ଆୟୋଜନ କରିଥିଲେ । ପ୍ରକଳ୍ପର ପରିଚାଳନା ୟୁନିଟ ତରଫରୁ ଶ୍ରୀଯୁକ୍ତ ବିଜୟ କୁମାର ସ୍ୱାଇଁ, ଉପନିର୍ଦ୍ଦେଶକ କର୍ମଶାଳରେ ଭାଗ ନେଇଥିଲେ ।

ଏହି କର୍ମଶାଳାରେ ଚାରା ଉତ୍ପାଦନ ସମ୍ବନ୍ଧୀୟ ଅଭିନବ ଜ୍ଞାନ କୌଶଳ ଯଥା ଉତ୍କୃଷ୍ଟ ଚାରା ଉତ୍ପାଦନ, ମଞ୍ଜି ସଂଗ୍ରହ, ଅଙ୍କୁରୋଦମ କେନ୍ଦ୍ରପ୍ରତିଷ୍ଠା, ରୁଟ ଟ୍ରେନର ଦ୍ୱାରା ଚାରା ପ୍ରସ୍ତୁତି କୌଶଳ, ଗୁଟି କରଣ ପଦ୍ଧତି ଆଦି ବିଷୟରେ ତାଲିମ ତଥା ପ୍ରୟୋଗାତ୍ମକ ଅଭ୍ୟାସ କରାଯାଇଥିଲା ।

## ଗ୍ରାମସାଟ

ତା.୨୬.୦୭.୨୦୦୭ରିଖରେ ଗ୍ରାମସାଟ ମାଧ୍ୟମରେ ଓଡ଼ିଶା ବନ ଉନ୍ନୟନ ପ୍ରକଳ୍ପ ବିଷୟରେ ଏକ ଆଲୋଚନା କାର୍ଯ୍ୟକ୍ରମ ହୋଇଥିଲା । ଏହି ଆଲୋଚନାରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅରୁଣ କୁମାର ବଂସଲ, ଡଃ ଅଜୟ କୁମାର ମହାପାତ୍ର, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ, ଶ୍ରୀ ବିଜୟ କୁମାର ସ୍ୱାଇଁ, ଉପ ନିର୍ଦ୍ଦେଶକ, ଡଃ ପ୍ରଦୀପ ରାଜ କରାଟ, ବନଖଣ୍ଡ ଅଧିକାରୀ, କେଉଁଝର, ଶ୍ରୀ ନିମାଇଁ ଚରଣ ମହାନ୍ତି, ବନଖଣ୍ଡ ଅଧିକାରୀ, ଫୁଲବାଣୀ, ଭଗବାନ ପତି, ସହକାରୀ ବନ ସଂରକ୍ଷକ, ରାଉରକେଲା ଅଂଶ ଗ୍ରହଣ କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ପ୍ରାରମ୍ଭରେ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ, ଉପାଦାନ ଓ କାର୍ଯ୍ୟକାରୀ କୌଶଳ ବିଷୟରେ ଧାରଣା ପ୍ରଦାନ କରିଥିଲେ । ପ୍ରକଳ୍ପର ଯୁଗ୍ମ ଲକ୍ଷ୍ୟ ଯଥା ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ଓ ସହଭାଗୀ ଗ୍ରାମବାସୀମାନଙ୍କର ଦକ୍ଷତା ଓ ରୋଜଗାର ବୃଦ୍ଧି ବିଷୟରେ ଆଲୋଚନା କରାଯାଇଥିଲା । କର୍ମଚାରୀ ଓ ବନ ସଂରକ୍ଷଣ ସମିତି ସଭ୍ୟମାନଙ୍କର ସାମର୍ଥ୍ୟ ବୃଦ୍ଧି, ପ୍ରକଳ୍ପ କାର୍ଯ୍ୟକ୍ରମ ରୂପାୟନରେ ଭାଗୀଦାରୀମାନଙ୍କର ଭୂମିକା ଓ କର୍ତ୍ତବ୍ୟ, ଅଣୁଯୋଜନା ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା ପାଇଁ ବନ ସଂରକ୍ଷଣ ସମିତି, ଗ୍ରାମ୍ୟ ବନ ସେବକ, ବନସଂପ୍ରସାରଣ ଅଧିକାରୀ ଓ ରେଞ୍ଜ ଅଧିକାରୀ, ବେସରକାରୀ ସଂଗଠନର କର୍ମକର୍ତ୍ତାମାନଙ୍କର ଦାୟିତ୍ୱ ବିଷୟରେ ବିଶଦ ଆଲୋଚନା କରାଯାଇଥିଲା । ଏଥିରେ ଅନୁଗୋଳ, କେନ୍ଦୁଝର, ରାଉରକେଲା, ଭଦ୍ରକ, ଜୟପୁର, କୋରାପୁଟ, ରାୟଗଡ଼ା, ଫୁଲବାଣୀ ବନଖଣ୍ଡର କ୍ଷେତ୍ରକର୍ମଚାରୀ, ବନ ସଂରକ୍ଷଣ ସମିତିର ସଭ୍ୟମାନେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

# ପ୍ରକଳ୍ପ ଅଧୀନସ୍ଥ ଯୁଗ୍ମ ବନ ପରିଚାଳନା କ୍ଷେତ୍ର ଗୁଡ଼ିକର ସର୍ବେକ୍ଷଣ ଓ ନକ୍ସା ପ୍ରସ୍ତୁତି



ପ୍ରଥମ ପର୍ଯ୍ୟୟରେ ୬୪୦ ଗୋଟି ଯୁଗ୍ମ ପରିଚାଳନା କ୍ଷେତ୍ରର ସର୍ବେକ୍ଷଣ ୧:୫୦୦୦ ପରିମାଣର ନକ୍ସା ପ୍ରସ୍ତୁତି ପାଇଁ ତିନିଗୋଟି ନକ୍ସା ପ୍ରସ୍ତୁତି ସଂସ୍ଥାକୁ ପ୍ରକଳ୍ପ ତରଫରୁ ନିୟୋଜନ କରାଯାଇଛି । ଏହି କ୍ଷେତ୍ରଗୁଡ଼ିକ ଜିଜିପିଏସ ସାହାଯ୍ୟରେ ସର୍ବେକ୍ଷଣ କରାଯାଇ ସାଟେଲାଇଟ ଇମେଜେରି ଦ୍ୱାରା ପ୍ରସ୍ତୁତ ନକ୍ସା ସହିତ ତୁଳନାତ୍ମକ ସମୀଶ୍ରଣ କରାଯିବ । ଏହି କାର୍ଯ୍ୟର ସଠିକତା ନିର୍ଦ୍ଧାରଣ ପାଇଁ ବିଭିନ୍ନ ସ୍ଥାନରେ କେତେଗୁଡ଼ିଏ କଣ୍ଟ୍ରୋଲ ଷ୍ଟେସନ ପ୍ରତିଷ୍ଠା କରାଯାଇଛି । ନକ୍ସା ପ୍ରସ୍ତୁତି ସମୟରେ କ୍ଷେତ୍ର ପରିଦର୍ଶନ କରାଯାଇ ଜଙ୍ଗଲ ସୀମା ଖୁଣ୍ଟ, ଜମିର ଅବସ୍ଥା, କ୍ରମନିମ୍ନତା, ବୃକ୍ଷରାଜୀର ପରିମାଣ ଓ ଜଙ୍ଗଲର ଉନ୍ନତି ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ବିଷୟରେ ତଥ୍ୟ ସଂଗ୍ରହ କରାଯିବ ।

ସୀମାବର୍ତ୍ତୀ ଅଞ୍ଚଳର ରାସ୍ତା, ଜନବସତି, ନାଳ, ନଦୀଗୁଡ଼ିକର ଅବସ୍ଥାନ ଚିହ୍ନଟ କରାଯିବ । ସର୍ବେକ୍ଷଣ କାର୍ଯ୍ୟକ୍ରମର ଗୁଣାତ୍ମକମାନ ସୁନିଶ୍ଚିତ କରାଇବା ପାଇଁ ପ୍ରକଳ୍ପ ତରଫରୁ ବ୍ରିଗେଡ଼ିୟର ବି.କେ. ସିଂହଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ ଦଳ ଗଠନ କରାଯାଇଛି । ଏହି ବିଶେଷଜ୍ଞମାନେ କ୍ଷେତ୍ର ପରିଦର୍ଶନ କରି ତତ୍ ସମ୍ବନ୍ଧୀୟ ନିର୍ଦ୍ଦେଶନାମା ପ୍ରଦାନ କରୁଛନ୍ତି । ସର୍ବେକ୍ଷଣ କାର୍ଯ୍ୟର ତଥ୍ୟଗୁଡ଼ିକୁ ଏକ ଡାଟାବେଶରେ ସଂରକ୍ଷଣ କରାଯାଉଛି ଓ କମ୍ପ୍ୟୁଟର ସାହାଯ୍ୟରେ ବିଭିନ୍ନ ବ୍ୟବହାର ଉପଯୋଗୀ ନକ୍ସା ପ୍ରସ୍ତୁତ କରାଯାଉଛି । ଏହି ନକ୍ସା ଗୁଡ଼ିକ ମଧ୍ୟରେ ନିମ୍ନୋକ୍ତ ନକ୍ସାଗୁଡ଼ିକ ଅନ୍ୟତମ ।

୧. ଭିତ୍ତିଭୂମି ନକ୍ସା : ଏଥିରେ ସୀମା ଖୁଣ୍ଟର କୋଡ଼ିନେଟ, ଯୁଗ୍ମପରିଚାଳନା ପାଇଁ ଉଦ୍ଦିଷ୍ଟ ବନାଞ୍ଚଳର ସୀମା, ଜଙ୍ଗଲ ରାସ୍ତା, ଖାଦାନ, ସ୍କୁଲ, ସ୍ୱାସ୍ଥ୍ୟ ସୁବିଧା ସୁଯୋଗ, ସ୍ଥାୟୀ ଭାବେ ପ୍ରତିଷ୍ଠିତ ଜଙ୍ଗଲ ସଂସ୍ଥାଆଦି ସ୍ଥାନ ଚିହ୍ନଟ କରାଯିବ ।

୨. ବ୍ୟବହାରିକ ନକ୍ସା : ଏଥିରେ କ୍ଷେତ୍ରର ବିଶେଷ ବର୍ଣ୍ଣନା ଯଥା : ନଦୀ, ପାହାଡ଼, ଉଠାଣି ବା ଗଡ଼ାଣିର ମାତ୍ରା ଏବଂ ଦିଗ ଚିହ୍ନଟ ହେବା ସହିତ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜଙ୍ଗଲର ବ୍ୟବହାର ସମ୍ପର୍କରେ ସୂଚନା ପ୍ରଦାନ କରାଯିବ ।

୩. ଜଙ୍ଗଲ ନକ୍ସା : ଏଥିରେ ଜଙ୍ଗଲର ପ୍ରକାରଭେଦ, ଶ୍ରେଣୀ, ବିଭିନ୍ନ ପ୍ରକାର ବୃକ୍ଷର ପୁନରୁତ୍ପତ୍ତିର ସ୍ଥିତି ଓ ଘନତ୍ୱ ଦର୍ଶାଯିବ ।

ନକ୍ସା ପ୍ରସ୍ତୁତି ସଂସ୍ଥାଦ୍ୱାରା ପ୍ରସ୍ତୁତ ନକ୍ସା ଖଣ୍ଡୀୟ ପରିଚାଳନା ୟୁନିଟର କର୍ମକର୍ତ୍ତାଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ ଓ ସେମାନଙ୍କର ପ୍ରସ୍ତାବକୁ ବିଚାରକୁ ନେଇ ଚୂଡ଼ାନ୍ତ ନକ୍ସା ପ୍ରସ୍ତୁତ କରାଯାଏ । ପ୍ରଥମ ପର୍ଯ୍ୟୟରେ ୬୪୦ ଗୋଟି ଯୁଗ୍ମ ବନ ପରିଚାଳନା କ୍ଷେତ୍ରର ଚୂଡ଼ାନ୍ତ ନକ୍ସା ଓ ଜିଓ ଡାଟା ବେସ ପ୍ରସ୍ତୁତି କାର୍ଯ୍ୟ ବର୍ତ୍ତମାନ କରାଯାଉଅଛି ।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ . . . . .

୭. ଏହି ଅଣୁଯୋଜନାକୁ ସରକାରଙ୍କ ଅନ୍ୟାନ୍ୟ ବିଭାଗ ଓ ସଂସ୍ଥା ଗୁଡ଼ିକର କାର୍ଯ୍ୟକ୍ରମ ସହିତ ସଂଯୁକ୍ତ କରାଯାଇ ସମ୍ମିଳିତ ଉଦ୍ୟମରେ ଗ୍ରାମର ଉନ୍ନୟନ ପାଇଁ ବ୍ୟବସ୍ଥା କରାଯିବ

୮. ପ୍ରତ୍ୟେକ ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ଅଣୁଯୋଜନାରେ ଉଲ୍ଲେଖ କରାଯିବ, ତଦ୍ୱାରା ପ୍ରକଳ୍ପ କାର୍ଯ୍ୟକ୍ରମରେ ସାମୟିକ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ସ୍ୱଚ୍ଛତା ରକ୍ଷାକରାଯାଇପାରିବ ।

୯. ଅଣୁଯୋଜନା ପ୍ରସ୍ତୁତି ପୂର୍ବରୁ ସଂପୃକ୍ତ ସହାୟକ କର୍ମଚାରୀ / ବେସରକାରୀ ସଂଗଠନକୁ ଆବଶ୍ୟକ ତାଲିମ ପ୍ରଦାନ କରାଯିବ ।

୧୦. ପ୍ରକଳ୍ପ ତରଫରୁ ବନ ସଂରକ୍ଷଣ ସମିତିର ସଭ୍ୟମାନଙ୍କୁ ଉତ୍କୃଷ୍ଟ କାର୍ଯ୍ୟକରାଯାଇଥିବା କ୍ଷେତ୍ର ପରିଦର୍ଶନ ପାଇଁ ବ୍ୟବସ୍ଥା କରାଯିବ, ଯଦ୍ୱାରା ସେମାନେ ନୂଆ ନୂଆ କାର୍ଯ୍ୟକ୍ରମ ବିଷୟରେ ଅଭିଜ୍ଞତା ହାସଲ କରିବାକୁ ସକ୍ଷମ ହେବେ ।

୧୧. ବନ ସଂରକ୍ଷଣ ସମିତିର ଆବଶ୍ୟକତା ଅନୁଯାୟୀ ଗ୍ରାମ୍ୟ ବନ ଉନ୍ନୟନ ପାଣ୍ଠିର ପରିଚାଳନା କରାଯିବ ଯଦ୍ୱାରା ପ୍ରକଳ୍ପ ସମାପ୍ତ ହେବାପରେ ଏହି ପାଣ୍ଠିରୁ ଅନ୍ୟୁନ ଶତକଡ଼ା ୫୦ ଭାଗ ଅର୍ଥ ଜଙ୍ଗଲ ଉନ୍ନୟନ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ବିନିଯୋଗ ହେବ ।

## ବେସରକାରୀ ସଂଗଠନ ସହ ପ୍ରକଳ୍ପ ପରିଚାଳନା ୟୁନିଟର ଆଲୋଚନା

ପ୍ରକଳ୍ପ ପରିଚାଳନା ୟୁନିଟ ତରଫରୁ ଅଣୁଯୋଜନା ପ୍ରସ୍ତୁତିରେ ସହାୟତା କରୁଥିବା ବେସରକାରୀ ସଂଗଠନ ଗୁଡ଼ିକର ସଭ୍ୟ ଏବଂ ଜଙ୍ଗଲ ବିଭାଗ କର୍ମକର୍ତ୍ତାଙ୍କ ସହ ସର୍କଲ ଓ ବନଖଣ୍ଡ ସ୍ତରରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜଙ୍ଗଲ ବିଭାଗ କର୍ମଚାରୀ ଓ ବେସରକାରୀ ସଂଗଠନ ଦଳର ସଭ୍ୟମାନଙ୍କ ମଧ୍ୟରେ ବୁଝାବଣାର ଉନ୍ନତି କରିବା, ଯଦ୍ୱାରା ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ଠିକ ଭାବରେ କରାଯାଇ ପାରିବ ଓ ପ୍ରକଳ୍ପର ଲକ୍ଷ୍ୟ ପୂରଣରେ ସହାୟକ ହେବ ।

ଉକ୍ତ ଅଧିବେଶନଗୁଡ଼ିକ ସେପ୍ଟମ୍ବର ୧୩ ତାରିଖରେ ବଣାଇଁ ଓ ଦେବଗଡ଼ ବନଖଣ୍ଡ ପାଇଁ ପାଲଲହଡ଼ା ଠାରେ, ସେପ୍ଟମ୍ବର ୧୪ ତାରିଖରେ କେନ୍ଦୁଝର ବନଖଣ୍ଡ ପାଇଁ କେନ୍ଦୁଝର ଠାରେ, ସେପ୍ଟେମ୍ବର ୨୦ ତାରିଖରେ ଫୁଲବାଣୀ ଓ ବାଲିଗୁଡ଼ା ବନଖଣ୍ଡ ପାଇଁ ଫୁଲବାଣୀ ଠାରେ, ସେପ୍ଟମ୍ବର ୩୦ ତାରିଖରେ କୋରାପୁଟ, ଜୟପୁର ଓ ରାୟଗଡ଼ା ବନଖଣ୍ଡ ପାଇଁ କୋରାପୁଟ ଠାରେ ଏବଂ ଅକ୍ଟୋବର ୫-୬ ତାରିଖରେ ରାଉରକେଲା ବନଖଣ୍ଡ ପାଇଁ ରାଉରକେଲା ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଅଧିବେଶନଗୁଡ଼ିକରେ ଅଂଶଗ୍ରହଣକାରୀମାନଙ୍କର ସନ୍ଦେହମୋଚନ କରାଯାଇଥିଲା ଏବଂ ପ୍ରକଳ୍ପର ଯେଉଁ ମୁଖ୍ୟ କାର୍ଯ୍ୟକ୍ରମ ଉପରେ ଜୋର ଦିଆଯିବା କଥା, ସେସବୁ ଉପରେ ଯତ୍ନପୂର୍ବକ ବିଚାର ବିମର୍ଷ କରାଯାଇଥିଲା ।

## "JBIC ସାହାଯ୍ୟପ୍ରାପ୍ତ ବନ୍ୟପ୍ରକଳ୍ପରେ ଅଭିନବ ପଦ୍ଧତି" କର୍ମଶାଳା

ଜାପାନ ଆନ୍ତର୍ଜାତିକ ସହଯୋଗ ବ୍ୟାଙ୍କ ଅନୁକୂଲ୍ୟରେ ଜୁଲାଇ ୧୨ ତାରିଖରେ ପାର୍କ ହୋଟେଲ, ନୂଆଦିଲ୍ଲୀ ଠାରେ "ଜାପାନ ଆନ୍ତର୍ଜାତିକ ସହଯୋଗ ବ୍ୟାଙ୍କ ସାହାଯ୍ୟପ୍ରାପ୍ତ ବନ୍ୟ ପ୍ରକଳ୍ପରେ ଅଭିନବ ପଦ୍ଧତି" ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଜଙ୍ଗଲର ବିକାଶ ପାଇଁ JBIC ସାହାଯ୍ୟପ୍ରାପ୍ତ ପ୍ରଦେଶମାନଙ୍କୁ ଏବଂ ଅନ୍ୟ ପ୍ରଦେଶମାନଙ୍କୁ JBIC ପ୍ରକଳ୍ପର କାର୍ଯ୍ୟକରିତା ଏବଂ ସେମାନଙ୍କ ଦ୍ୱାରା ଆଦୃତ ଅଭିନବ ପଦ୍ଧତି ସମ୍ବନ୍ଧରେ ଭାବର ଆଦାନ ପ୍ରଦାନ ପାଇଁ ଏକ ଫୋରମ ଯୋଗାଇଦେବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା । ଶ୍ରୀଯୁକ୍ତ କେ. ନାକାଗଓ, ମୁଖ୍ୟ ପ୍ରତିନିଧି, JBIC ନୂଆଦିଲ୍ଲୀ କାର୍ଯ୍ୟାଳୟ, ଉକ୍ତ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ ଏବଂ ଶ୍ରୀଯୁକ୍ତ ଅନସାର ଅହମ୍ମଦ ଇନସ୍ପେକ୍ଟର ଜେନେରାଲ, ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ, ଶ୍ରୀଯୁକ୍ତ ଏମ୍. ନାଗାରାଜୁ, ନିର୍ଦ୍ଦେଶକ, ଅର୍ଥନୈତିକ ବିଭାଗ, ଅର୍ଥମନ୍ତ୍ରଣାଳୟ, ଭାରତ ସରକାର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ବିନିଦ୍ ସରିନ୍, ବରିଷ୍ଠ ଆଞ୍ଚଳିକ ବିଶେଷଜ୍ଞ, JBIC ନୂଆଦିଲ୍ଲୀ ଅଫିସ "ଜାପାନ ଆନ୍ତର୍ଜାତିକ ବ୍ୟାଙ୍କର ଜଙ୍ଗଲ ବିକାଶ ସମ୍ବନ୍ଧୀୟ ନୀତି" ଶୀର୍ଷକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହାପରେ JBIC ସାହାଯ୍ୟପ୍ରାପ୍ତ ପ୍ରଦେଶର କର୍ମକର୍ତ୍ତାମାନେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଡଃ. ଅଜୟ କୁମାର ମହାପାତ୍ର, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା JBIC ପ୍ରକଳ୍ପର ଆଭ୍ୟମୁଖ୍ୟ ଉପରେ ବିଶେଷ ଆଲୋକପାତ କରିବା ସହିତ ପ୍ରକଳ୍ପ ଉପରେ ସମ୍ୟକ ଧାରଣା ଦେଇଥିଲେ ।

ଦ୍ୱିତୀୟ ଅଧିବେଶନରେ ବିଭିନ୍ନ ବିଷୟ ଯଥା : ଅନୁଷ୍ଠାନିକ ଜ୍ଞାନ କୌଶଳ, ଗୋଷ୍ଠିଯୋଗଦାନ, ପ୍ରଶୀକ୍ଷଣ ଓ ପରିଚାଳନା ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା । ଉକ୍ତ ଅଧିବେଶନରେ ଓଡ଼ିଶା, କର୍ଣ୍ଣାଟକ, ରାଜସ୍ଥାନ ଓ ତାମିଲନାଡୁ ରାଜ୍ୟଗୁଡ଼ିକ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ଅରୁଣ କୁମାର ବଂସଲ, ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂକ୍ଷେପରେ ନିଜର ବକ୍ତବ୍ୟ ପ୍ରଦାନ କରି ସମିତି ପ୍ରଣାଳୀର କାର୍ଯ୍ୟକାରିତା ଏବଂ ଅନ୍ୟାନ୍ୟ ଅଭିନବ ଆନୁଷ୍ଠାନିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ।

ଉକ୍ତ କର୍ମଶାଳାରେ ଭାରତ ସରକାର, ସହାୟକ ସଂଗଠନ ଏବଂ ଜାପାନ ଆନ୍ତର୍ଜାତିକ ବ୍ୟାଙ୍କର ପ୍ରାୟ ୬୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାକୁ ଶ୍ରୀଯୁକ୍ତା ଜେ. ତାନିକାଓ, ପ୍ରତିନିଧି, JBIC, ନୂଆଦିଲ୍ଲୀ, ଉଦ୍‌ଯାପନୀ ବକ୍ତୃତାଦେଇ ଧନ୍ୟବାଦ ଅର୍ପଣ କରିଥିଲେ ।


## ତଥ୍ୟ ସରବରାହ

### ପ୍ରକଳ୍ପ ସୂଚନାପତ୍ର ପ୍ରକାଶନ

ପ୍ରକଳ୍ପ ସମ୍ବନ୍ଧିତ ତଥ୍ୟ ପରିବେଶଣ କରିବାର ଉଦ୍ଦେଶ୍ୟରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏକ ତ୍ରୈମାସିକ ସୂଚନା ପ୍ରକାଶ କରୁଛି । ମୁଖ୍ୟ ଶାସନ ସଚିବ ତଥା ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତିର ସଭାପତି ଶ୍ରୀଯୁକ୍ତ ଅଜିତ୍ କୁମାର ତ୍ରିପାଠୀ, ତା ୧୭ ସେପ୍ଟେମ୍ବର ୨୦୦୭ ରିଖରେ ପ୍ରଥମ ସୂଚନାପତ୍ର ଉନ୍ମୋଚନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀ ହିମାଂଶୁ ଶେଖର ଚହର, ପ୍ରକଳ୍ପ ନିର୍ଦ୍ଦେଶକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀଯୁକ୍ତ ଅରୁଣ କୁମାର ବଂସଲ, ସ୍ୱତନ୍ତ୍ର ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀଯୁକ୍ତ ପ୍ରିୟନାଥ ପାଢ଼ୀ, ଏବଂ ପ୍ରକଳ୍ପର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।




## ଅନ୍ୟାନ୍ୟ ପ୍ରକାଶନ




ପ୍ରକଳ୍ପ ପରିଚାଳନା ୟୁନିଟ ଦ୍ୱାରା ନିମ୍ନଲିଖିତ ପୁସ୍ତିକା ସଂକଳନ କରାଯାଇ ସଂପୃକ୍ତ କର୍ମକର୍ତ୍ତାମାନଙ୍କୁ ବଣ୍ଟନ କରାଯାଇଅଛି ।

୧. "ବନ ସଂରକ୍ଷଣ ସମିତିର ଭୂମିକା" ସମ୍ପର୍କିତ ଓଡ଼ିଆରେ ପ୍ରକାଶିତ ପ୍ରଚାର ପତ୍ର ।
୨. "ବନ ସଂରକ୍ଷଣ ସମିତି ଅଣୁଯୋଜନା" ସମ୍ପର୍କିତ ଓଡ଼ିଆରେ ଫ୍ଲିପ୍ ଚାର୍ଟ ।



୩. "ପ୍ରଶିକ୍ଷକ ମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ" : ଶୀର୍ଷକ ପୁସ୍ତିକା ।
୪. "ଅଣୁଯୋଜନା ପ୍ରସ୍ତୁତି" : ସହାୟକ ପୁସ୍ତିକା ।

କାର୍ଯ୍ୟନିର୍ବାହୀ କମିଟିର ଅଧ୍ୟକ୍ଷ ଓ ସଭ୍ୟମାନେ ଉପରୋକ୍ତ ପୁସ୍ତିକାଗୁଡ଼ିକ ଉନ୍ମୋଚନ କରିଥିଲେ ।






ଜାପାନ ଆନ୍ତର୍ଜାତିକ ବ୍ୟାଙ୍କ ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।
ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ : ରବୀନ୍ଦ୍ରନାଥ ସାହୁ, ଭା.ବ.ସେ., ଉପନିର୍ଦ୍ଦେଶକ, E-mail : rnsahoo50@yahoo.com
ପ୍ରକାଶକ : ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ଏସ୍.ଏଫ.ଟି.ଆର.ଆଇ. ପରିସର, ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬, ଫ୍ୟାକ୍ସ - ୦୬୭୪-୨୩୮୪୦୮୫, E-mail : webmail@ofsdp.org, website : www.ofsdp.org
ମୁଦ୍ରାକାର : ଜ୍ୟୋତିଗ୍ରାଫିକ୍ସ, ଫୋନ - ୦୬୭୪-୨୫୪୪୨୦୯